# Akashvani, Sambalpur

## SAMBALPURI NEWS BULLETIN

### 18 September 2025 - 6.47- 6.52 am.

*********************************************

ବିଧାନ୍‌ସଭା ମୌସୁମୀ ଅଧିବେଶନ        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସପ୍ତଦଶ ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହଉଛେ । ସରକାର ସୁରୁଖୁରୁଥି ଗୃହ ଚଲାବାର୍‌କେ ଲକ୍ଷ୍ୟ ରଖିଥିବାର୍ ବେଲେ ବିରୋଧ ଦଲ୍‌ମାନେ ଭିନ୍ ଭିନ୍ ବିଷେ ଉପ୍‌ରେ ସରକାରଙ୍କୁ ପ୍ରଶ୍ନ କର୍‌ବାର ଲାଗି ରଣନୀତି ତୟାର୍ କରିଛନ୍ । ୭ ଦିନିଆ ଅଧିବେଶନ୍‌ର ପହେଲା ଦିନେ ଆଏଜ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦିବଙ୍ଗତ ଆଘର୍ ସଦସ୍ୟମାନ୍‌କର୍ ଉଦ୍ଦେଶ୍ୟ୍‌ଥି ଶୋକ ପ୍ରସ୍ତାବ୍ ଆନ୍‌ବେ । ତାର୍ ଉତ୍‌ରୁ ଗୃହ ମୁଲ୍‌ତବୀ ରଖ୍‌ବାର୍‌କେ ଥିର୍ କରାଯାଇଛେ । ଅଧିବେଶନ୍ ଆଏବା ୨୫ ତାରିଖ୍ ତକ୍ ଚାଲ୍‌ବା । ଇଥି ୭ଟା କାର୍ଯ୍ୟଦିବସ୍ ରହିଛେ ।

ଏକ୍ ପେଡ଼୍ ମା'କେ ନାମ୍        I&PR

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଜନମ୍ ଦିନ୍ ଅବ୍‌ସରେ ଗଲାକାଏଲ୍ ରାଜ୍ୟ ସରକାରଙ୍କର୍ ତର୍‌ଫୁ ୭୫ ଲାଖ୍ ଗଛ୍ ଜଗାବାର୍‌କେ ଲକ୍ଷ୍ୟ ଧାରିଜ୍ କରାଯାଇଥିଲା । ମାତର୍‌କ ୧୨ ଘଂଟା ଭିତ୍‌ରେ ପାଖାପାଖି ଦେଢ଼ କୋଟିନୁ ଅଏତ୍‌କା ଗଛ୍ ଜଗେଇକରି ରାଜ୍ୟ ସରକାର ବିଶ୍ୱ ରେକର୍ଡ କରିଛନ୍ । ୧୪ ଲାଖ୍‌ନୁ ଅଏତ୍‌କା ଗଛ ଜଗେଇକରି ସୁନ୍ଦରଗଡ଼ ଜିଲ୍ଲା ରାଏଜେ ଏକ ନମ୍ବର ହେଇଛେ । ଅଭିଯାନ୍‌କେ ସଫଲ୍ କର୍‌ବାର୍ ସହେତେ ବିଶ୍ୱ ରେକର୍ଡ କରିଥିବାର୍‌ନୁ ଜଙ୍ଗଲ, ପରିବେଶ ଆଉ ଜଲ୍‌ବାୟୁ ପରିବର୍ତନ ମନ୍ତ୍ରୀ ଗଣେଶରାମ ସିଂହ ଖୁଂଟିଆ ରାଜ୍ୟବାସୀଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ରତ୍ନଭଣ୍ଡାର-ଅଲଙ୍କାର ସ୍ଥାନାନ୍ତର ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର ନ ଆଏବା ୨୩ ତାରିଖ୍ ଦିନ ଅସ୍ଥାୟୀ ରତ୍ନ ଭଣ୍ଡାର ନୁ ମୁଲ୍ ରତ୍ନ ଭଣ୍ଡାର୍‌କେ ଅଲଙ୍କାର ସ୍ଥାନାନ୍ତର କରାଯିବା । ଇତାର୍ ସହେତେ ଖୋବ୍ ଜଲ୍‌ଦି ପରୀକ୍ଷା ମୁଲକ୍ ଭାବେ ଧାଡ଼ି ଦର୍ଶନ୍ ବ୍ୟବସ୍ଥା ଭିଲ୍ ମୁଲ୍ ହେବା ବଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚ୍‌ନା ଦେଇଛନ୍ । ଗଲାକାଏଲ୍ ହେଇଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାର ଉପକମିଟିର୍ ବୈଠକ୍ ବାବ୍‌ଦେ ସୂଚ୍‌ନା ଦେଇକରି ଶ୍ରୀ ହରିଚନ୍ଦନ କହିଛନ୍, ଭିତ୍‌ର

ଆଉ ବାହାର୍ ଦୁହି ରତ୍ନଭଣ୍ଡାର୍‌ର ମରାମତି କାମ୍ ଶେଷ୍ ହେଇଛେ । ଅଳଙ୍କାର ସ୍ଥାନାନ୍ତର ଲାଗି ୨୩ ତାରିଖ୍ ଦିନ ସର୍ବସାଧାରଣ ଦର୍ଶନ୍ ବନ୍ଦ ରହେବା । ମାତର୍‌କ ନୀତିକାନ୍ତି ଉପ୍‌ରେ କେନ୍‌ସି ପ୍ରଭାବ ନାଇ ପଡ଼େ ।

ମାହାଲିଆ ବସ୍ ସେବା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜ୍‌ନା ଜରିଏ ସରକାରୀ ବିଦ୍ୟାଳୟମାନ୍‌କର ଛାତ୍ରଛାତ୍ରୀମାନ୍‌ଙ୍କୁ ମାହାଲିଆ ଯାତ୍ରା ସେବା ଯୁଗେଇ ଦେବାର୍‌କେ ଘୋଷଣା କରିଛନ୍ । ଇ ସେବାଥି ୧ନୁ ୧୨ ଶ୍ରେଣୀର୍ ଛାତ୍ରଛାତ୍ରୀ ଲାଭ୍ ପାଇପାର୍‌ବେ । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଦିଆଯାଇଥିବା ପ୍ରସ୍ତାବ୍‌କେ ସରକାର ଅନୁମୋଦନ୍ କରିଛନ୍ । ରାଜ୍ୟର୍ ସବୁ ବିଦ୍ୟାଳୟକେ ଯେନ୍ତା ଇ ସେବା ପୁହୁଁଚିପାର୍‌ବା ସେଥିର୍‌ଲାଗି ବିଭାଗ୍ ତର୍‌ଫୁ ଯୋଜ୍‌ନା ତିଆର୍ କରାଯାଇଛେ ।

ଭାରତୀୟ ସଡ଼କ କଂଗ୍ରେସ I&PR

ଭାରତୀୟ ସଡ଼କ କଂଗ୍ରେସ-ଆଇଆର୍‌ସିର ୮୪ ନମ୍ବର ବାର୍ଷିକ୍ ଅଧିବେଶନ୍ ଆଏବା ନଭେମ୍ବର ୭ ନୁ ୧୦ ତାରିଖ୍‌ତକ୍ ଭୁବନେଶ୍ୱରଠାନେ ହେବା । ଇ ସମ୍ମିଳନୀ ୬ ନମ୍ବର ଥର ଲାଗି ଓଡ଼ିଶା ନ ହେବାର୍‌କେ ଯାଉଛେ । ଇତାକେ ନେଇକରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଆଇଆର୍‌ସିର ରାଜ୍ୟ ପରାମର୍ଶ  କମିଟିର୍ ପହେଲା ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ସମ୍ମିଳନୀକେ ଶୃଙ୍ଖଳିତ୍ ଭାବେ ଶେଷ୍ କର୍‌ବାର୍ ଲାଗି ବୈଠକ୍‌ଥି ଶ୍ରୀ ଆହୁଜା ଜୋର୍ ଦେଇଛନ୍ ।

ସେବା ପର୍ବ                    ଏନ୍‌ଏସ୍‌ଡି

‘ସେବା ଆଉ ସୁଶାସନ୍’ ଆର୍ ‘ଜନସେବା ଆଉ ସୁଶାସନ୍’ ମନ୍ତ୍ରଥି ପରିଚାଲିତ୍ ହେଇକରି କେନ୍ଦ୍ର ସର୍‌କାର୍ ସାଧାରଣ୍ ଲୁକ୍‌କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ସରକାର ଦେଶର୍ ଚାଷୀମାନ୍‌କର ଲାଭ୍ ଲାଗି ଭିନ୍ ଭିନ୍ ଉନ୍ନୟନ୍‌ମୁଲକ୍ ଯୋଜ୍‌ନା ଆନିଛନ୍ ବଲି ସ୍ୱାଧୀନତା ଦିବସ୍ ସମାରୋହଥି ପ୍ରଧାନମନ୍ତ୍ରୀ କହିଥିଲେ....

(ଭଏସ୍--ପ୍ରଧାନମନ୍ତ୍ରୀ)

ଭାରତ୍ ଆଏଜ୍ ସାରା ପୁର୍‌ଥି ନ ଫଲ୍, ପନିପରିବା ଆଉ ମସ୍‌ଲା ଉତ୍ପାଦନ୍‌ଥି ଆଗ୍‌ଧାଡ଼ିର୍ ଦେଶ୍ ହେଇପାରିଛେ । ରାଷ୍ଟ୍ରୀୟ ଗୋକୁଲ୍ ମିଶନ୍ ବାଗିର୍ ଯୋଜ୍‌ନା ଲାଗି ଭାରତ୍ ପୁର୍‌ଥିର୍ ସବୁନୁ ବଡ଼ ଗୁରସ୍ ଉତ୍ପାଦନ୍‌କାରୀ ଦେଶ୍‌ର ମାଏନ୍‌ତା ଭିଲ୍ ପାଇଛେ । ସେନ୍ତା ପିଏମ୍ ମତ୍ସ୍ୟ ସମ୍ପଦ୍ ଯୋଜ୍‌ନା ଜରିଏ ମାଛ୍ ଚାଷ୍‌କେ ଆଧୁନିକୀକରଣ କରାଯାଇ ପାରିଛେ । ଇହାଦେ ଦେଶେ ମାଛ୍ ରପ୍ତାନୀ ୨୦ ବିଲିୟନ୍ ଡଲାର୍ ପାର୍ କରିଛେ ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ଦୃଷ୍ଟିକୋଣ ଆଧାରିତ୍ ଜିଏସ୍‌ଟି ସଂସ୍କାର୍ ନିଷ୍ପତି ନିଆଯାଇଛେ । ଲୁକ୍‌କର୍ ଜୀବନ୍‌କେ ସରଲ୍ ଆଉ ସହଜ୍ କର୍‌ବାର୍ ଲାଗି ବହୁତ୍‌ଟେ କ୍ଷେତ୍ରଥି ଟିକସ୍ କମ୍ କର୍‌ବାର୍‌କେ ଧାରିଜ୍ କରାଯାଇଛେ । ଅଣପାରମ୍ପରିକ ଶକ୍ତି କ୍ଷେତ୍ରଥି ଜିଏସ୍‌ଟି ଦର୍ ୧୨ ପ୍ରତିଶତ୍‌ନୁ ୫ ପ୍ରତିଶତ୍‌କେ କମ୍ କରାଯାଇଛେ । ସ୍ୱଚ୍ଛ ଶକ୍ତି, ବିଦ୍ୟୁତ୍ ଶକ୍ତିକେ ଅଏତ୍‌କା ସୁବିଧାଜନକ୍ କର୍‌ବାର୍ ଲାଗି ଜିଏସ୍‌ଟି

ଦର୍ କମ୍ କରାଯାଇଛେ । ଇଥିର୍ ଲାଗି ଛତ୍ ଉପ୍ରେ ସୌର ଶକ୍ତି ବ୍ୟବସ୍ଥା, ସୌର ପମ୍ପ, ଶିଳ୍ପ ଆଧାରିତ୍ ଯନ୍ତ୍ରପାତି, ସବୁଜ ଶକ୍ତି ପ୍ରକ୍ରିୟାକରଣ କ୍ଷେତ୍ରଥି ଲାଭ୍ ମିଲିପାର୍ବା ।

ଟ୍ରାଫିକ୍ ଜରିମାନା ଆର୍ଏନ୍ୟୁ/ ସମ୍ବଲପୁର

ଟ୍ରାଫିକ୍ ନିୟମ୍ ନାଇଁ ମାନୁଥିବା ଗାଡ଼ି ଚାଲ୍କମାନ୍କର ଉପ୍ରେ ଯେନ୍ ଚାଲାନ୍ କଟାଯାଇଥିଲା ସେ ବାବ୍ଦେ ଜରିମାନା ଆଦାୟ ନାଇଁ ହେଇପାରି । ବାକିଥିବା ଜରିମାନା ଆଦାୟ ଲାଗି ରାଜ୍ୟ ସରକାର ଏକକାଳୀନ ସମାଧାନ- ଓଟିଏସ୍ ଘୋଷଣା କରିଛନ୍ । ପରିବହନ୍ ବିଭାଗ୍ ତର୍ଫୁ ମିଲିଥିବା ସୂଚ୍ନା ଅନ୍ସାରେ ଇ ଓଟିଏସ୍ ସେବା ଆଏବା ୬ ମାସ୍ ତକ୍ ଲାଗୁ ହେବା । ଇଥି ଜରିମାନା ଉପ୍ରେ ୫୦ ପ୍ରତିଶତ୍ ଛାଡ଼୍ କରାଯାଇଛେ । ସବୁନୁ ଅଏତ୍କା ଜରିମାନା ବାବ୍ଦେ ୫ ହଜାର୍ ଟଙ୍କାଯାଇଛେ ।

ପିଏମ୍ ଆବାସ କାର୍ଯ୍ୟାଦେଶ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞପିତ ଅଂଚଲ ପରିଷଦ୍ ତର୍ଫୁ ସେବା ପକ୍ଷ ପାଲନ୍ ଅବ୍ସରେ ଗଲାକାଏଲ୍ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାର୍ କାର୍ଯ୍ୟାଦେଶ୍ ଆଉ ରାସନ୍ କାର୍ଡ଼ ବଂଟନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ପରିଷଦ୍ ଅଧ୍ୟକ୍ଷ ଉଜ୍ଜ୍ୱଲ୍ ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କାର୍ଯ୍ୟାଦେଶ୍ ବାଂଟ୍‌ବାର୍ ସହେତେ କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସବୁ ଯୋଜ୍‌ନା ଲୁକ୍‌କର୍ ପାଖ୍‌କେ ପହଁଚାବାର୍ ଲାଗି ଜୋର୍ ଦେଇଛନ୍ । ଇ ଅବ୍ସରେ ଶହେ ୯୮ ଟା ଆବାସ ଗୃହର୍ କାର୍ଯ୍ୟାଦେଶ୍ ଆଉ ୫୦ ଟା ରାସନ୍‌କାର୍ଡ଼ ବଂଟାଯାଇଥିଲା ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ଇ ସମିଆଥି ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲାକେ ଘଡ଼୍‌ଘଡ଼ି ଆଉ ବିଜ୍‌ଲି ମାରିପାରେ ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।
ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଆଏଜ୍ ୪ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ ।